# NATIONAL NEWS BULLETIN (ODIA)

## 2 June 2026

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଓ ମ୍ୟାଁମାର୍ ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ।
- ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ସକାରାତ୍ମକ ହୋଇଛି, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଗତ ଆର୍ଥିକ ବର୍ଷରେ ୧୯ ଲକ୍ଷ ଟନକୁ ଟପିଛି ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ।
- ଲେବାନନ୍‌ରେ ହିଜ୍‌ବୁଲ୍ଲା ବିରୁଦ୍ଧରେ ଇସ୍ରାଏଲ୍ ଆକ୍ରମଣ ୱାଶିଂଟନ୍ ଓ ତେହେରାନ୍ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନାକୁ ପ୍ରଭାବିତ କରିବ ବୋଲି ଇରାନ୍‌ର ଚେତାବନୀ ।

ଏବଂ

- ୧୮ ବର୍ଷରୁ କମ୍ ଏସୀୟ କପ୍ ପୁରୁଷ ହକି ପ୍ରତିଯୋଗିତାରେ ଗତକାଲି କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କଲା ଭାରତ ।

## ପିଏମ୍-ମ୍ୟାଁମାର୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମ୍ୟାଁମାର୍ ରାଷ୍ଟ୍ରପତି ୟୁ-ମିନ୍-ଆଉଙ୍ଗ୍-ହ୍ଲାଏଙ୍ଗଙ୍କ ମଧ୍ୟରେ ଗତକାଲି ନୂଆଦିଲ୍ଲୀଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଅନୁଷ୍ଠିତ ହୋଇଛି ।  ଉଭୟ ଦେଶ ବହୁଦିନରୁ ରହିଥିବା ଦ୍ୱିପାକ୍ଷିକ ଐତିହାସିକ ଏବଂ ସଂସ୍କୃତିଗତ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ସହମତ ହୋଇଥିବା ଜଣାପଡ଼ିଛି । ବୈଠକ ପରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟ, ପୁଞ୍ଜିନିବେଶ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶକ୍ତି ଭଳି କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ଉଭୟ ଦେଶ ସହମତ ହୋଇଛନ୍ତି । ମ୍ୟାଁମାର୍‌ର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ଲାଗି ଭାରତ ନିଜର ସମର୍ଥନ ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି । ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨ ବିଲିୟନ୍ ଡଲାରରୁ ଅଧିକ ହୋଇଥିବା ଶ୍ରୀ ମିଶ୍ରି ସୂଚନା ଦେଇଛନ୍ତି ।

## ଇଣ୍ଡୋ-ୟୁଏସ୍ ଟ୍ରେଡ୍ ଟକ୍ସ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଓ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଆଲୋଚନା ଅତ୍ୟନ୍ତ ସକାରାତ୍ମକ ହୋଇଛି । ଅଧିକାଂଶ ପ୍ରସଙ୍ଗ ଚୂଡ଼ାନ୍ତ ହୋଇଥିବା

ବେଳେ ଅଳ୍ପ କିଛି ପ୍ରସଙ୍ଗ ଉପରେ ଏବେ ସହମତି ନେଇ ପ୍ରସ୍ତୁତି ଚାଲିଛି । ପ୍ରଥମ ପର୍ଯ୍ୟାୟ ଆଲୋଚନାକୁ ସମ୍ପୂର୍ଣ୍ଣ ଚୂଡ଼ାନ୍ତ କରିବା ପାଇଁ ଆମେରିକାର ଏକ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି । ଆଜିଠାରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ମଧ୍ୟରେ ଏ ନେଇ ଆଲୋଚନା ହେବ ।

ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଦର୍ପଣ ଜୈନ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଉଥିବା ବେଳେ ଆମେରିକା ଦଳର ନେତୃତ୍ୱ ନେଉଛନ୍ତି ବ୍ରେଣ୍ଡନ୍ ଲିଞ୍ଚ୍ । ଗତ ଫେବୃୟାରୀ ୩ ତାରିଖରେ ଉଭୟ ପକ୍ଷ ପ୍ରଥମ ପର୍ଯ୍ୟାୟ ଆଲୋଚନା ପାଇଁ ରୂପରେଖ ପ୍ରସ୍ତୁତି ସମ୍ପର୍କରେ ଘୋଷଣା କରିଥିଲେ । ଉଭୟ ଦେଶ ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଚୁକ୍ତିକୁ ଚୂଡ଼ାନ୍ତ କରିବା, ବଜାର ପ୍ରବେଶ, ଶୁଳ୍କ ମୁକ୍ତ ପଦକ୍ଷେପ, ବାଣିଜ୍ୟ, ନିବେଶ ଆଦି ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନର ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ଅଧିକ ସୁଦୃଢ଼ କରିବା ନେଇ ପ୍ରସ୍ତାବ ରହିଛି ।

ଭାରତ ଓ ଆମେରିକା ଗତ ଫେବୃୟାରୀ ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ଆଲୋଚନାର ରୂପରେଖ ପ୍ରସ୍ତୁତ ନେଇ  ମିଳିତ ଘୋଷଣା କରିଥିଲେ । ଏହାକୁ ଉଭୟ ପକ୍ଷ ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଭାବେ ଗ୍ରହଣ କରାଯାଇଛି ।

# ଇଣ୍ଡିଆ-ବ୍ରିକ୍ସ

ଉତ୍ତରପ୍ରଦେଶର ବାରାଣାସୀରେ ଆସନ୍ତା ୪ ଓ ୫ ତାରିଖ ଦୁଇ ଦିନ ଧରି ଦ୍ୱିତୀୟ ବ୍ରିକ୍ସ ସଂସ୍କୃତି କାର୍ଯ୍ୟ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହେବ । ସଂସ୍କୃତି ବିଭାଗ ସଚିବ ବିବେକ ଅଗ୍ରୱାଲ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରିଛନ୍ତି । ନିରନ୍ତରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ଭିତ୍ତିଭୂମି ବିକାଶ ତଥା ସାଂସ୍କୃତିକ ସହଯୋଗ ଆଦି ପ୍ରସଙ୍ଗ ଆଧାରରେ ଏହି ଦୁଇଦିନିଆ ବୈଠକ ଅନୁଷ୍ଠିତ ହେବ । ଶ୍ରୀ ଅଗ୍ରୱାଲ କହିଛନ୍ତି, ଏହି ସଂସ୍କୃତି କାର୍ଯ୍ୟ ଗୋଷ୍ଠୀ ଆଲୋଚନା ସୃଜନଶୀଳ ଅର୍ଥନୀତି ଏବଂ କୃତ୍ରିମ ବୁଦ୍ଧିମତା, ଐତିହ୍ୟ ସୁରକ୍ଷା, ସଂସ୍କୃତି ଓ ନିରନ୍ତର ବିକାଶ ଆଦି ପ୍ରସଙ୍ଗଗୁଡ଼ିକ ଉପରେ ପ୍ରାଥମିକତା ପ୍ରଦାନ କରିବ ।

ଅନ୍ୟ ପକ୍ଷରେ ବିପର୍ଯ୍ୟୟ ପରିଚାଳନା ଆଧାରିତ ବ୍ରିକ୍ସ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ ବୈଠକ ଆସନ୍ତାକାଲି ପୁରୀଠାରେ ଆରମ୍ଭ ହେବ। ବୈଠକରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ବ୍ରାଜିଲ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ଦକ୍ଷିଣ ଆଫ୍ରିକା ଆଦି ଦେଶର ପ୍ରତିନିଧିଗଣ ସମ୍ମିଳନୀରେ ଯୋଗଦେବେ । ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଏହି ବୈଠକର ଉଦ୍‌ଘାଟନୀ

ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ବିଜେପି-ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ୧୨ ବର୍ଷ ପୂରଣ କରିବା ଅବସରରେ ଗତକାଲି ନୂଆଦିଲ୍ଲୀଠାରେ ବିଜେପି ଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ବହୁ ବରିଷ୍ଠ କର୍ମକର୍ତ୍ତା ଅନ୍ୟାନ୍ୟ କର୍ମୀ ଯୋଗଦେଇଥିଲେ ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ମୁଖପାତ୍ର ତଥା ସାଂସଦ ଡକ୍ଟର ସମ୍ବିତ ପାତ୍ର କହିଛନ୍ତି, ମୋଦୀ ସରକାରଙ୍କ ୧୨ ବର୍ଷର ସେବା, ସାଂଗଠନିକ କାର୍ଯ୍ୟ ଏବଂ ସମାଜର ବିଭିନ୍ନ ବର୍ଗରେ ଦଳର ଆଭିମୁଖ୍ୟକୁ ପ୍ରଚାର ଓ ପ୍ରସାର କରିବା ନେଇ ଭବିଷ୍ୟତ ରୂପରେଖ ଉପରେ ବିସ୍ତୃତ ଆଲୋଚନା ହୋଇଛି । ସେ କହିଛନ୍ତି, ୧୨ ବର୍ଷ ମଧ୍ୟରେ ଦେଶ ବିଭିନ୍ନ କ୍ଷେତ୍ରରେ ବିକାଶ କରୁଛି । ବିଜେପି ଏବଂ ଏନ୍.ଡି.ଏ.କୁ ୨୨ଟି ରାଜ୍ୟରେ ସରକାର ଗଠନ ମାଧ୍ୟମରେ ସେବା ପ୍ରଦାନ କରିବା ପାଇଁ ଜନସାଧାରଣ ସୁଯୋଗ ଦେଇଛନ୍ତି ବୋଲି ଡକ୍ଟର ପାତ୍ର କହିଛନ୍ତି ।

# ସିଫୁଡ୍-ଏକ୍ସପୋର୍ଟ୍

ଗତ ଆର୍ଥିକ ବର୍ଷରେ ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ୧୯ ଲକ୍ଷ ଟନ୍‌ରୁ ଅଧିକ ହୋଇଛି । ସାମୁଦ୍ରିକ ଉତ୍ପାଦ ରପ୍ତାନୀ ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ପି. ଜୱାହାର କହିଛନ୍ତି, ଏ କ୍ଷେତ୍ରରେ ୭୩ ହଜାର ୮୯୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାରବାର ହୋଇଛି । ସାମ୍ପ୍ରତିକ ବିଶ୍ୱ ବଜାର ପରିସ୍ଥିତି ନେଇ ଆହ୍ୱାନ ସତ୍ତ୍ୱେ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କ୍ଷେତ୍ରରେ ଉଭୟ ମୂଲ୍ୟ ଏବଂ ପରିମାଣ ଦୃଷ୍ଟିରୁ ଏ ପର୍ଯ୍ୟନ୍ତ  ରେକର୍ଡ଼ ପରିମାଣ କାରବାର ହୋଇଛି । ଏହି ସମୟ ମଧ୍ୟରେ ଆମେରିକା ଓ ଚୀନ୍ ଭାରତୀୟ ସାମୁଦ୍ରିକ ଖାଦ୍ୟର ପ୍ରମୁଖ ଆମଦାନୀକାରୀ ଭାବେ ରହିଥିଲେ । ଏହି ଦୁଇ ଦେଶକୁ ୪୯ ହଜାର କୋଟିରୁ ଅଧିକ ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ହୋଇଥିବା ଶ୍ରୀ ଜୱାହାର କହିଛନ୍ତି । ବରଫ ଦ୍ୱାରା ସଂରକ୍ଷିତ ବା ଫ୍ରୋଜନ ମାଛ ରପ୍ତାନୀ ମାଧ୍ୟମରେ ଭାରତ ୫ ହଜାର ୬୫୮ କୋଟିରୁ ଅଧିକ ଆୟ କରିଛି ବୋଲି ଶ୍ରୀ ଜୱାହାର ସୂଚନା ଦେଇଛନ୍ତି ।

# ଇରାନ୍‌-ୟୁଏସ୍ ସିଜ୍ ଫାୟାର୍

ଲେବାନନରେ ହିଜ୍‌ବୁଲ୍ଲା ବିରୁଦ୍ଧରେ ଇସ୍ରାଏଲି ଆକ୍ରମଣ ଓ୍ୱାଶିଂଟନ୍ ଓ ତେହେରାନ୍ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନାକୁ ପ୍ରଭାବିତ କରିପାରେ ବୋଲି ଇରାନ୍ ଚେତାବନୀ ଦେଇଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବେରୁଟ୍‌ର ଦକ୍ଷିଣ ଉପନଗର ଅଞ୍ଚଳରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିବା ପରିପ୍ରେକ୍ଷୀରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ ଅର୍ଘାଚୀ ଏହା କହିଛନ୍ତି । ସେ କହିଛନ୍ତି, ଲେବାନନର ବିଭିନ୍ନ ଅଞ୍ଚଳରେ ଆକ୍ରମଣକୁ ବନ୍ଦ କରିବା ଆମେରିକା ସହିତ ହେବାକୁ ଥିବା ଚୁକ୍ତିନାମରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । କୌଣସି ଗୋଟିଏ ଅଞ୍ଚଳରେ ଆକ୍ରମଣ ଏହି ଚୁକ୍ତିନାମାର ଉଲ୍ଲଙ୍ଘନ ବୋଲି ଶ୍ରୀ ଅଘ୍ରାଚୀ ସତର୍କ କରାଇଛନ୍ତି । ପୂର୍ବରୁ ଶ୍ରୀ ନେତାନ୍ୟାହୁ କହିଥିଲେ, ଇରାନ୍ ସମର୍ଥିତ ହିଜ୍‌ବୁଲ୍ଲା ଦ୍ୱାରା ରକେଟ୍ ଓ ଡ୍ରୋନ୍ ଆକ୍ରମଣର ଜବାବରେ ବିରୁଟ୍‌ର ଦାହିହ ଅଞ୍ଚଳରେ ଆତଙ୍କବାଦୀ ଅଞ୍ଚଳକୁ ଲକ୍ଷ୍ୟ ରଖି ଆକ୍ରମଣ କରାଯିବ ।

ଅନ୍ୟ ପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଇରାନ୍ ସହିତ ଯୁଦ୍ଧ ବିରତି ଆଲୋଚନା ଗତିଶୀଳ ହୋଇଛି । ଶ୍ରୀ ନେତାନ୍ୟାହୁ ଏବଂ ହିଜ୍‌ବୁଲ୍ଲାର ପ୍ରତିନିଧିଙ୍କ ସହ ଇତିମଧ୍ୟରେ ଆଲୋଚନା କରିଥିବା ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଇସ୍ରାଏଲ୍ ଏବଂ ହିଜ୍‌ବୁଲ୍ଲା ଯୁଦ୍ଧ ବିରତି ନେଇ ସହମତ

ହୋଇଛନ୍ତି । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ବିରୁଟ୍‌କୁ ସୈନ୍ୟ ପଠାଇବା ନିଷ୍ପତ୍ତିରୁ ଇସ୍ରାଏଲ୍ ଓହରି ଯାଇଛି । ହିଜ୍‌ବୁଲ୍ଲା ମଧ୍ୟ ସମସ୍ତ ପ୍ରକାର ଆକ୍ରମଣ ବନ୍ଦ କରିବାକୁ ସହମତ ହୋଇଛି ବୋଲି ଶ୍ରୀ ଟ୍ରମ୍ପ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଗଭ୍-୧୨ ଇୟର୍ସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତରେ ଗତ ୧୨ ବର୍ଷ ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଓ ସବ୍ କା ପ୍ରୟାସ୍ ନୀତି ଆଧାରରେ ବହୁ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶର ଗରିବ, ଚାଷୀ, ମହିଳା ଏବଂ ଯୁବବର୍ଗଙ୍କ କଲ୍ୟାଣ ଓ ସଶକ୍ତିକରଣ ଦିଗରେ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ଆକାଶବାଣୀ ସମ୍ବାଦ ବିଭାଗ ଏହିଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ସରକାରଙ୍କ ପ୍ରୟାସ ନେଇ ଉପସ୍ଥାପନା ପ୍ରସ୍ତୁତ କରୁଛି । ଆଜି ମହିଳା ସଶକ୍ତିକରଣ କ୍ଷେତ୍ର ଉପରେ ସୂଚନା ପ୍ରଦାନ କରାଯାଉଛି ।

ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତିସୁଯୋଗ, ଆର୍ଥିକ ସମାବେଶ ଏବଂ ମହିଳା ନେତୃତ୍ୱାଧୀନ କ୍ଷେତ୍ରରେ ଦେଶରେ ଗତ ୧୨ ବର୍ଷ ମଧ୍ୟରେ ବ୍ୟାପକ ପରିବର୍ତ୍ତନ ଘଟିଛି । ୨୦୧୫ ମସିହାରେ ଆରମ୍ଭ ହୋଇଥିବା

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିବାରେ ସହାୟକ ହୋଇଛି । ବ୍ୟବସାୟ ଆରମ୍ଭ ଏବଂ ବନ୍ଧକମୁକ୍ତ ଋଣ ପ୍ରଦାନ ମହିଳାଙ୍କୁ ଅଧିକ ସୁଦୃଢ଼ କରିପାରିଛି । ଗତ ମାର୍ଚ୍ଚ ମାସ ସୁଦ୍ଧା ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କୁ ୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ କରାଯାଇଛି । ସେଥିମଧ୍ୟରେ ପ୍ରାୟ ୧୭ ଲକ୍ଷ କୋଟି ଟଙ୍କା ମହିଳାଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି ।

ଲକ୍ଷପତି ଦିଦି କାର୍ଯ୍ୟକ୍ରମ, ବେଟି ବଚାଓ ବେଟି ବଢ଼ାଓ ଅଭିଯାନ ଆଦି ବିଭିନ୍ନ ପଦକ୍ଷେପ ସହିତ ମହିଳା ଆତ୍ମନିର୍ଭର ଏବଂ ସମାବେଶୀ ଅର୍ଥନୀତି ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ।

## ହକି

୧୮ ବର୍ଷରୁ କମ୍ ଏସୀୟ କପ୍ ପୁରୁଷ ହକି ପ୍ରତିଯୋଗିତାରେ ଗତକାଲିର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ଜାପାନ୍‌ର କାକାମିଗାହାରା ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୪-୧ ଗୋଲ୍‌ରେ କୋରିଆକୁ ପରାସ୍ତ କରିଛି । ପରବର୍ତ୍ତୀ ମ୍ୟାଚ୍‌ରେ ଆସନ୍ତାକାଲି ଭାରତ ଚାଇନିଜ୍ ତାଇପେଇକୁ ଭେଟିବ । ଗ୍ରୁପ୍ ପର୍ଯ୍ୟାୟରେ ପଏଣ୍ଟ ତାଲିକାର ଶୀର୍ଷ ଦୁଇଟି ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ ।

# ୟୁଥ୍ ଆଫେୟାର୍-ରୋଅର୍ସ୍ ଟପ୍ସ

୨୦୨୬ ଏସୀୟ କ୍ରୀଡ଼ା ପୂର୍ବରୁ ୨୨ ଜଣ ରୋଅର୍ସ୍‌କୁ ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ୍ ସ୍କିମ୍ – ଟପ୍ସ ବିକାଶ ଗୋଷ୍ଠୀରେ ସାମିଲ କରାଯାଇଛି । ୬ଟି ଡଙ୍ଗାରେ ସେମାନେ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ଆନ୍ତର୍ଜାତିକ କ୍ରୀଡ଼ା କ୍ଷେତ୍ରରେ ଏହି ବର୍ଗରେ ଦେଶର ଉପସ୍ଥିତିକୁ ପ୍ରସ୍ତୁତ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କ୍ରୀଡ଼ାବିତ୍‌ମାନେ ଏସୀୟ କ୍ରୀଡ଼ା ସମେତ ଅନ୍ୟାନ୍ୟ ବିଶ୍ୱସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ରୋଇଂ ପାଇଁ ନିଜର ପ୍ରସ୍ତୁତି କରିବେ ବୋଲି ମନ୍ତ୍ରଣାଳୟ କହିଛି । ଏହି ଖେଳାଳିଙ୍କ ମଧ୍ୟରେ କେତେ ଜଣ ୨୦୩୦ରେ ଭାରତରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ବୋଲି ମନ୍ତ୍ରଣାଳୟ କହିଛି ।